# NATIONAL NEWS BULLETIN (ODIA)
## 09th June - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ.....    ସମ୍ବାଦ ପଢୁଛନ୍ତି.....    **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଶରେ ବନ୍ୟା ପରିସ୍ଥିତିର ମୁକାବିଲାର ପ୍ରସ୍ତୁତି ନେଇ ଆଜି କରିବେ ସମୀକ୍ଷା ।
- ନୀଟ୍ ପରୀକ୍ଷା ଅନିମିୟତା ଅଭିଯୋଗରେ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ପଦବୀରୁ ସୁବୋଧ କୁମାର ସିଂହ ବହିଷ୍କୃତ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ବାଂଲାଦେଶକୁ ୫୦ ରନ୍‌ରେ ପରାସ୍ତ କଲା ଭାରତ ।

## ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ । ଅସ୍ଥାୟୀ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବି.ଜେ.ପି.ର ସଦସ୍ୟ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ । ଆସନ୍ତା ୨୬ ତାରିଖ ଦିନ ଲୋକସଭା ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଜ୍ୟସଭାର ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ସଂସଦର ପ୍ରଥମ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆଜି ଆକାଶବାଣୀର ସମ୍ବାଦ ବିଭଗ ପକ୍ଷରୁ Issue Before Paliament ଏବଂ “ସଂସଦ କେ ସମର୍ଥ ମୁଦ୍ଦେ’ ଶୀର୍ଷକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ପ୍ରସାରିତ ହେବ । ରାତି ସାଢ଼େ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ

ପ୍ରସାରଣ କରାଯିବ । Issue Before Paliament କାର୍ଯ୍ୟକ୍ରମ ଆକାଶବାଣୀ ରେନ୍‌ବୋ ଏବଂ ଅତିରିକ୍ତ ଫ୍ରିକୁଏନ୍ସି ମାଧ୍ୟମରେ ପ୍ରସାରିତ ହେବାକୁ ଥିବାବେଳେ "ସଂସଦ କେ ସମର୍ଥ ମୁଦ୍ଦେ' ଆକାଶବାଣୀ ଗୋଲଡ୍ ଏବଂ ଅତିରିକ୍ତ ଫ୍ରିକୁଏନ୍ସଂ ମାଧ୍ୟମରେ ପ୍ରସାରଣ କରାଯିବ । NEWS ON AIR DOT COM ଏବଂ NEWS ON AIR OFFICIAL ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ପ୍ରେଜ୍-ହାସିନା ମିଟ୍

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଗତକାଲି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ । ଶେଖ୍ ହସିନାଙ୍କୁ ସ୍ୱାଗତ କରି ରାଷ୍ଟ୍ରପତି ଆନନ୍ଦିତ ବୋଲି କହିଥିଲେ । ରାଷ୍ଟ୍ରପତି କହିଛନ୍ତି, ଉଭୟ ଦେଶ ମଧ୍ୟରେ ନିୟମିତ ବ୍ୟବଧାନରେ ହେଉଥିବା ଆଲୋଚନା ଦୁଇ ଦେଶ ମଧ୍ୟରେ ରହିଥିବା ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିଛି । ୧୯୭୧ ମସିହା ବାଂଲାଦେଶ ମୁକ୍ତି ସଂଗ୍ରାମଠାରୁ ଦୁଇ ଦେଶ ମଧ୍ୟରେ ଏହି ସମ୍ପର୍କ ଅତୁଟ ରହିଆସିଛି । ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱରେ ବାଂଲାଦେଶରେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହୋଇଥିବା ସେ କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତ ଓ ବାଂଲାଦେଶ ପାରସ୍ପରିକ ବୁଝାମଣା କ୍ଷେତ୍ରରେ ନୂତନ ଶିଖରରେ ପହଞ୍ଚିବାକୁ ଯାଉଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ଆର୍ଥିକ ସହଭାଗିତା ସମ୍ପର୍କର ବିକାଶ,

ପ୍ରତିରକ୍ଷା ବୁଝାମଣା, ଶକ୍ତି ସୁରକ୍ଷା ଓ ଗମନାଗମନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା ।

ପ୍ରଧାନମନ୍ତ୍ରୀ ହାସିନା ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ୍‌ଙ୍କୁ ସାକ୍ଷାତ୍ କରି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

## ଏଚ୍.ଏମ୍. - ଫ୍ଲଡ୍ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଦେଶରେ ବନ୍ୟା ପରିସ୍ଥିତିର ମୁକାବିଲା ନେଇ ପ୍ରସ୍ତୁତିର ସମୀକ୍ଷା କରିବେ । ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେବାରେ କାର୍ଯ୍ୟକ୍ରମ ରହିଛି ।

## ଶେଖାୱତ୍ - ଶିବାଜୀ ଏକ୍‌ଜିବିସନ୍

କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଗତକାଲି ନୂଆଦିଲ୍ଲୀରେ ଶିବାଜୀ ମହାରାଜାଙ୍କ ଉପରେ ଆୟୋଜିତ ତୈଳଚିତ୍ର ପ୍ରଦର୍ଶନୀକୁ ପରିଦର୍ଶନ କରିବେ । ଛତ୍ରପତି ଶିବାଜୀଙ୍କ ରାଜ୍ୟର ୩୫୦ତମ ବାର୍ଷିକୀ ଅବସରରେ ଇନ୍ଦିରାଗାନ୍ଧି ଜାତୀୟ କଳାକେନ୍ଦ୍ର ଏବଂ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ

ଆର୍ଟ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଶ୍ରୀ ଶେଖାୱତ କହିଥିଲେ, ଛତ୍ରପତି ଶିବାଜୀ ମହାରାଜଙ୍କ ଉପରେ ଆଧାରିତ ଏହି ଐତିହାସିକ ପ୍ରଦର୍ଶନୀ ଆମକୁ ଆମର ଐତିହ୍ୟ ସମ୍ପର୍କରେ ସଚେତନ କରୁଛି ।

## ପ୍ରି-ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟରେ ଟିକସ ରାଶି ହସ୍ତାନ୍ତର, ଅର୍ଥ ଆୟୋଗ ଅନୁଦାନ ଏବଂ ଜି.ଏସ୍.ଟି. କ୍ଷତିପୂରଣ ବକେୟା ପ୍ରଦାନ ଆଦି କେନ୍ଦ୍ର ସରକାରଙ୍କ ସହାୟତା ଠିକ୍ ସମୟରେ କରାଯାଉଛି । ରାଜଧାନୀ ଦିଲ୍ଲୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ମାନଙ୍କୁ ନେଇ ଗତକାଲି ଅନୁଷ୍ଠିତ ୨୦୨୪-୨୫ ପ୍ରାକ୍ ବଜେଟ୍ ବୈଠକରେ ଶ୍ରୀମତୀ ସୀତାରମଣ ରାଜ୍ୟଗୁଡ଼ିକରେ ପୁଞ୍ଜିନିବେଶ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର ସୁବିଧା ନେବା ପାଇଁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ଏହି ଯୋଜନା ଅଧୀନରେ ଅଧିକାଂଶ ଋଣ ଅତ୍ୟନ୍ତ ସୁବିଧାଜନକ ଏବଂ ରାଜ୍ୟ ଗୁଡ଼ିକ ପାଇଁ ଲାଭଦାୟକ । ଏହି ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଗୋଆ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଏବଂ ସିକ୍କିମ୍‌ର ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଏହା ବ୍ୟତୀତ ବିହାରର ଉପମୁଖ୍ୟମନ୍ତ୍ରୀ ଏବଂ ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ତେଲଙ୍ଗାନାର ଅର୍ଥମନ୍ତ୍ରୀ ଯୋଗ ଦେଇଥିଲେ ।

# ଏନ୍.ଟି.ଏ.

ନୀଟ୍ ପରୀକ୍ଷା ଅନିମିୟତା ଅଭିଯୋଗରେ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂହଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି । କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗରେ ତାଙ୍କୁ ଅବସ୍ଥାପିତ କରାଯାଇଛି । ଭାରତୀୟ ବାଣିଜ୍ୟ ବିକାଶ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କୁ ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଛି ।

ଅନ୍ୟପକ୍ଷରେ ଶିକ୍ଷା ମନ୍ତ୍ରଣାଳୟ ନୀଟ୍-ୟୁ.ଜି. ପରୀକ୍ଷା-୨୦୨୪ର ଅନିୟମିତା ଅଭିଯୋଗର ତଦନ୍ତ ଭାର ସି.ବି.ଆଇ.କୁ ହସ୍ତାନ୍ତର କରିଛି । ମନ୍ତ୍ରଣାଳୟ କହିଛି, ପରୀକ୍ଷାର ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଏହି ଅନିୟମିତତାରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତି ଏବଂ ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଭଳି ଅନିୟମିତତାକୁ ପ୍ରତିହତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର 'ସାର୍ବଜନୀନ ପରୀକ୍ଷା ଅନ୍ୟାୟ ଉପାୟ ନିବାରଣ ଆଇନ, ୨୦୨୪' ପ୍ରଣୟନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

ଅନ୍ୟ ଏକ ଘଟଣାକ୍ରମରେ ବିହାର ପୁଲିସ୍ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗ ନେଇ ୬ ଜଣଙ୍କୁ ଗିରଫ କରିଛି । ଝାଡ଼ଖଣ୍ଡର ଦେବୀପୁର ଥାନା

ଅନ୍ତର୍ଗତ ଏମ୍ସ୍-ଦେଓଘର୍ ନିକଟରେ ଏହି ଲୋକମାନେ ଭଡ଼ାଘରେ ରହୁଥିବା ପୁଲିସ୍ କହିଛି । ସେମାନଙ୍କୁ ଗିରଫ ପରେ ବିହାରକୁ ହସ୍ତାନ୍ତର କରାଯାଇଛି । ବିହାର ପୁଲିସ୍‌ର ଆର୍ଥିକ ହେର୍‌ଫେର୍ ମାମଲା ୟୁନିଟ୍ ଏହି ଘଟଣାର ତଦନ୍ତ କରୁଛି ।

## ନୀଟ୍-ପି.ଜି. ଏକ୍‌ଜାମ୍ ପୋଷ୍ଟପୋନ୍

ନୀଟ୍-ପି.ଜି. ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଆଜି ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷାକୁ ସ୍ଥଗିତ ରଖାଯିବା ସହ ପରବର୍ତ୍ତୀ ତାରିଖ ନେଇ ପରେ ଘୋଷଣା କରାଯିବ ବୋଲି ସ୍ପଷ୍ଟ କରାଯାଇଛି । ନୀଟ୍-ୟୁ.ଜି. ପରୀକ୍ଷାର ଅନିୟମିତା ଅଭିଯୋଗ ପରିପ୍ରେକ୍ଷୀରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । ପରୀକ୍ଷାରେ ସ୍ୱଚ୍ଛତା ଏବଂ ଛାତ୍ରୀଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

# ନାଇଜର - ପାଇପ୍‌ଲାଇନ୍ ଡ୍ୟାମେଜ୍‌ଡ୍

ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜର୍ ପଡ଼ୋଶୀ ବେନିନ୍‌କୁ ଅଶୋଧିତ ତୈଳ ପରିବହନ କରୁଥିବା ପାଇପ୍‌ଲାଇନ୍‌କୁ ବିଦ୍ରୋହୀମାନେ ନଷ୍ଟ କରିଛନ୍ତି ବୋଲି ସ୍ପଷ୍ଟ କରିଛି । ସରକାରୀ ଗଣମାଧ୍ୟମ କହିଛି, ଏହି ଘଟଣାରେ ସମ୍ପୃକ୍ତ ଥିବା ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାଇଜର୍ ସରକାର ନିଷ୍ପତ୍ତି ନେଇଛନ୍ତି । ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ବାଜୁମ୍‌ଙ୍କ ମୁକ୍ତି ପାଇଁ ସଂଗ୍ରାମ କରୁଥିବା ପାଟ୍ରିଏଟିକ୍ ଲିବରେସନ୍ ଫ୍ରଣ୍ଟ୍‌ର ସଦସ୍ୟ ଚଳିତ ସପ୍ତାହ ଆରମ୍ଭରେ ଏହି କାର୍ଯ୍ୟ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ମାସରେ ମହମ୍ମଦ ବାଜୁମ୍‌ଙ୍କୁ କ୍ଷମତାଚ୍ୟୁତ କରାଯାଇଥିଲା ।  ଏହି ଲିରେସନ୍ ଫ୍ରଣ୍ଟ୍ ତୈଳ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିବା ସହ ତୈଳ ପାଇପ୍‌ଲାଇନ୍ ମାଧ୍ୟମରେ ସାମରିକ ସରକାରଙ୍କୁ ସମର୍ଥନ ବନ୍ଦ କରିବାକୁ ଚୀନ୍ କମ୍ପାନୀଗୁଡ଼ିକୁ ଆହ୍ୱାନ ଦେଇଛି । ନାଇଜର୍‌ରୁ ବେନିନ୍ ମଧ୍ୟରେ ୨ ହଜାର କିଲୋମିଟରର ଏହି ତୈଳ ପାଇପ୍‌ଲାଇନ୍ ରହିଛି ।

# ଅଲାରନାଥ

ଓଡ଼ିଶାର ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅନବସର ସେବା ଆଜିଠାରୁ ଆରମ୍ଭ ହେଉଛି । ଏହି ସମୟରେ ଶ୍ରଦ୍ଧାଳୁ ପ୍ରଭୁ ଅଲାରନାଥଙ୍କର ଦର୍ଶନ ପାଇପାରିବେ । ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ଅଲାରନାଥଙ୍କ ପୀଠରେ ବହୁସଂଖ୍ୟାରେ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସ୍ନାନମଣ୍ଡପରେ ଗତକାଲି ଶ୍ରୀଜୀଉ ଶ୍ରଦ୍ଧାଳୁମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ ।

# ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡ କପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୫୦ ରନ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ସମ୍ଭାବନା ଅଧିକ ଦୃଢ଼ୀଭୂତ ହୋଇଛି । ତେବେ ଆଫଗାନିସ୍ତାନ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଫଳାଫଳ ଉପରେ ଏହା କିଛି ପରିମାଣରେ ନିର୍ଭର କରେ ।

ଅନ୍ୟପକ୍ଷରେ ଏହି ପରାଜୟ ସହ ବାଂଲାଦେଶ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛି । ଗତକାଲି ଟସ୍ ଜିତି ବାଂଲାଦେଶ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଆଣ୍ଟିଗୁଆସ୍ଥିତ ସାର୍ ଭିଭିଆନ୍ ରିଚାର୍ଡ଼ସ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଓ୍ୱିକେଟ୍ ବିନିମୟରେ ୧୯୬ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ହାର୍ଦ୍ଦିକ୍ ପାଣ୍ଡ୍ୟା ୨୭ଟି ବଲ୍‌ରୁ ୫୦ ରନ୍‌ର ଅପରାଜୟ ପାଳି ଖେଳିଥିଲେ । ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୮ ଓ୍ୱିକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ପ୍ଲେୟାର୍ ଅପ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ମଧ୍ୟରେ ଆର୍ନସ୍ ଭାଲେ ଷ୍ଟାଡିୟମ୍‌ଠାରେ ମ୍ୟାଚ୍ ଚାଲିଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ବ୍ୟାଟିଂ ଆରମ୍ଭ କରି ଆଫଗାନିସ୍ତାନ ୧୬ ଓଭର୍‌ରେ ୧ ଓ୍ୱିକେଟ୍ ବିନିମୟରେ ୧୧୯ ରନ୍ ସଂଗ୍ରହ କରିଥିଲା ।

*****